**୫ ଜାନୁଆରୀ ୨୦୨୪ ଖୁତ୍‌ବା ଜୁମାର ସାରାଂଶ**
**ସ୍ଥାନ - ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ଼**

**ୱକ୍‌ଫେ ଜଦିଦ୍‌ର *୬୬*ତମ ବର୍ଷରେ ଜମାଅତର ଶ୍ରଦ୍ଧାଳୁମାନଙ୍କର ଅସାଧାରଣ ଅର୍ଥଦାନର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ଏବଂ *୬୭*ତମ ବର୍ଷ ଆରମ୍ଭ ହେବାର ଘୋଷଣା । ଫିଲିସ୍ତିନ୍‌ର ଅତ୍ୟାଚାରିତ ଓ ନିରୀହ ବାସୀନ୍ଦାଙ୍କ ପାଇଁ ବିଶେଷ ଦୁଆର ଆହ୍ୱାନ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଊଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

**ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନ୍‌ଓ୍ୱର[ଅ.ବ] ସୁରେ ସଫ୍‌ର ୧୧ରୁ ୧୩ ଆୟତ୍ ପର୍ଯ୍ୟନ୍ତ ଆବୃତ୍ତି କଲେ;** ୟାଅୟୁହଲ୍ ଲଜିନା ଆମନୁ ହଲ୍ ଅଦୁଲ୍ଲୁକୁମ୍ ଅଲା ତିଜାରତିନ୍ ତୁନ୍‌ଜିକୁମ୍ ମିନ୍ ଅଜାବିନ୍ ଅଲିମ୍ । ତୁମିନୁନା ବିଲ୍ଲାହି ଓରସୁଲିହି ଓତୁଜାହିଦୁନା ଫିସବିଲିଲ୍ଲାହି ବିଅମ୍‌ଓ୍ୱାଲିକୁମ୍ ଓଅନ୍‌ଫୁସିକୁମ୍ ଜାଲିକୁମ୍ ଖୈରୁଲ୍ ଲକୁମ୍ ଇନ୍ କୁନ୍‌ତୁମ୍ ତା'ଲମୁନ୍ । ୟଗ୍‌ଫିର୍ ଲକୁମ୍ ଜୁନୁବକୁମ୍ ଓୟୁଦ୍‌ଖିଲ୍‌କୁମ୍ ଜନ୍ନାତିନ୍ ତଜ୍‌ରି ମିନ୍ ତହ୍‌ତିହଲ୍ ଅନ୍‌ହାରୁ ଓମସାକିନା ତୈଇବତନ୍ ଫିଜନ୍ନାତି ଅଦ୍‌ନି ଜାଲିକଲ୍ ଫୌଜୁଲ୍ ଅଜିମ୍ **ଅର୍ଥାତ୍ ହେ ବିଶ୍ୱାସକାରୀମାନେ ! କ'ଣ ଆମେ ତୁମମାନଙ୍କୁ ଏପରି ଏକ ବ୍ୟବସାୟ ସମ୍ବନ୍ଧରେ ସମାଚାର ଦେବୁ ଯାହା ତୁମମାନଙ୍କୁ ଯନ୍ତ୍ରଣାଦାୟକ ଶାସ୍ତିରୁ ରକ୍ଷା କରିବ ? (ସେ ବ୍ୟବସାୟ ଏହି ଯେ) ତୁମେମାନେ ଅଲ୍ଲାଃ ଓ ତାହାଙ୍କ ପ୍ରତି ବିଶ୍ୱାସ କର ଓ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ଆପଣା ଧନସମ୍ପତ୍ତି ଓ ଜୀବନ ଅର୍ପଣ କରି** ଜିହାଦ୍ **କର । ଯଦି ତୁମେମାନେ ଜାଣିପାର ତେବେ ଏହା ତୁମମାନଙ୍କ ପକ୍ଷରେ ଅତି ଉତ୍ତମ । ସେ ତୁମମାନଙ୍କ ପାପକୁ କ୍ଷମା କରିବେ ଏବଂ ତୁମମାନଙ୍କୁ ଏପରି ବୈକୁଣ୍ଠରେ ପ୍ରବେଶ କରାଇବେ ଯାହାର ନିମ୍ନଦେଶରେ ଝରଣା ପ୍ରବାହିତ ହେଉଥିବ ଏବଂ ଚିରସ୍ଥାୟୀ ବୈକୁଣ୍ଠର ପବିତ୍ର ଗୃହମାନଙ୍କରେ (ତୁମମାନଙ୍କୁ ରଖିବେ) ଏହା ଏକ ମହାନ ସଫଳତା ।**

ହଜରତ ମସିହ ମଉଦ[ଅ.ସ] ଗୋଟିଏ ସ୍ଥାନରେ କୁହନ୍ତି; ମୁଁ ମଧ୍ୟ ମରିୟମ୍ ପୁତ୍ର ମସିହଙ୍କ ଶୈଳୀରେ ପ୍ରେରଣ କରାଯାଇଛି । ଯେପରି ହଜରତ ଇସା ମସିହ[ଅ.ସ] ଦୟା ଓ କ୍ଷମାର ଶିକ୍ଷା ଦେଇଥିଲେ । ମୁଁ ମଧ୍ୟ ଦୟା ଓ କ୍ଷମା, ମୈତ୍ରୀ ତଥା ସନ୍ଧିର ଇସଲାମୀୟ ଶିକ୍ଷା ସହିତ ମୁହମ୍ମଦ [ସ.ଅ]ଙ୍କ ସମ୍ପ୍ରଦାୟରେ ପ୍ରେରଣ କରାଯାଇଛି । ଚଳିତ ଯୁଗ ପବିତ୍ର କୁରଆନ୍‌ର ଶିକ୍ଷାକୁ ପ୍ରଚାର ପ୍ରସାର କରିବାର ଯୁଗ । ବର୍ତ୍ତମାନ ଖଣ୍ଡା ଦ୍ୱାରା ଜିହାଦ୍ (ଉଦ୍ୟମ) କରିବାର ସମୟ ନୁହେଁ । କିନ୍ତୁ ଇସଲାମୀୟ ଶିକ୍ଷାକୁ ପରିବ୍ୟାପ୍ତ କରିବା ନିମନ୍ତେ ଲେଖନୀର ଜିହାଦ୍ ଓ ପ୍ରଚାରର ଜିହାଦ୍ ଏବଂ ଏହି ଜିହାଦ୍‌କୁ ଅବ୍ୟାହତ ରଖିବା ସକାଶେ ନିଜ ଧନ, ଜୀବନ ଓ ମାନମର୍ଯ୍ୟାଦାର ବଳିଦାନ ଦେବା ଏହିପରି ଆବଶ୍ୟକ ଯେପରିକି ପ୍ରାରମ୍ଭିକ କାଳରେ ଆବଶ୍ୟକ ଥିଲା ।

ସମ୍ପ୍ରତି (ଲୋକମାନେ) ସାଂସାରିକ ଉନ୍ନତି ଓ ବିକାଶ ହାସଲ କରିବା ପାଇଁ ନିଜର ସମସ୍ତ ସାମର୍ଥ୍ୟ ଓ ଉଦ୍ୟମ ଅହରହ ଚଳାଇଛନ୍ତି । ଆଉ ଧର୍ମକୁ (ସେମାନେ) ସମ୍ପୂର୍ଣ୍ଣ ରୂପେ ପାସୋରି ବସିଛନ୍ତି ଏବଂ ସାଂସାର ପ୍ରାପ୍ତି ହିଁ ସେମାନଙ୍କର ମୂଳ ଲକ୍ଷ ସାଜିଛି । ବ୍ୟବସାୟରେ ଉନ୍ନତି କରିବା ଓ ସାଂସାରିକ ଭୋଗବିଳାସ ଲାଭ

କରିବା ସକାଶେ ସର୍ବଦା ପ୍ରୟାସରତ । **ଏପରି ଅବସ୍ଥାରେ ଧର୍ମର ପ୍ରଚାର ପ୍ରସାର ତଥା ଐଶ୍ୱର୍ଯ୍ୟମୟ ପ୍ରଭୁ ଅଲ୍ଲାଃତାଲାଙ୍କ ପ୍ରୀତିଭାଜନ ଓ ସାନିଧ୍ୟ ଲାଭ କରିବା ନିମନ୍ତେ ବଳିଦାନ କରିବା ଏକ ସଫଳ ବ୍ୟବସାୟ ।** ଏହି ପ୍ରସଙ୍ଗ ହିଁ ପ୍ରଭୁ ଉପରୋକ୍ତ ଆୟତ୍‌ରେ ଦର୍ଶାଇଛନ୍ତି ।

ସୁତରାଂ ଚଳିତ ଯୁଗ ଯାହାକି ହଜରତ ମସିହ ମଉଦ ଅ.ସଙ୍କ ଯୁଗ । ଏହି ଯୁଗରେ ବିଶେଷ ରୂପେ ଅର୍ଥଦାନ କରିବାର ଜିହାଦ୍ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟେ । ଅଲ୍ଲାଃତାଲା ପବିତ୍ର କୁରଆନ୍‌ରେ ଅର୍ଥଦାନ କରିବା ପ୍ରତି ଅନେକ ସ୍ଥାନରେ ଧ୍ୟାନ ଆକର୍ଷିତ କରିଛନ୍ତି । ଆପଣ କୁହନ୍ତି; ତୁମମାନଙ୍କୁ କ'ଣ ହୋଇଯାଇଛି ଯେ, ତୁମେ ଅଲ୍ଲାଃଙ୍କ ମାର୍ଗରେ ବ୍ୟୟ କରୁ ନାହଁ । ଦେଖ ଅଲ୍ଲାଃଙ୍କ ମାର୍ଗରେ ବ୍ୟୟ କର ଏବଂ ନିଜେ ନିଜର ସର୍ବନାଶ କର ନାହିଁ । ଜାଣିରଖ ଅଲ୍ଲାଃତାଲା କାହାର ଉଧାର ରଖନ୍ତି ନାହିଁ । ସେ ଏପରି ବ୍ୟବସାୟର ଖବର ଦେଇଛନ୍ତି ଯାହାକି ଇହ ଓ ପରକାଳରେ ସଫଳ ହେବା ସାର । **ସତ୍ ଉଦ୍ଦେଶ୍ୟ ଆଧାରରେ କରାଯାଇଥିବା ବଳିଦାନକୁ ପ୍ରଭୁ ବହୁଗୁଣିତ କରିଥାନ୍ତି ।** ଏହା ହିଁ ପରମେଶ୍ୱର ପବିତ୍ର କୁରଆନ୍‌ରେ ଦର୍ଶାଇଛନ୍ତି ।

ଆଜି ପ୍ରଭୁଙ୍କ କୃପାରୁ କେବଳ ଅହେମଦିମାନେ ହିଁ ଧର୍ମ ମାର୍ଗରେ ବଳିଦାନ କରିବାର ଗୁରୁତ୍ୱକୁ ହୃଦୟଙ୍ଗମ କରିଥାନ୍ତି । ଜମାଅତୀୟ ଉନ୍ନତି ଏହାର ପ୍ରତ୍ୟକ୍ଷ ସାକ୍ଷୀ ଯେ, ଗରିବ ଓ ମଧ୍ୟବିତ୍ତ ଶ୍ରେଣୀଙ୍କର ସାଧାରଣ ଅର୍ଥଦାନକୁ ପ୍ରଭୁ କିପରି ଫଳ ଲଗାଉଛନ୍ତି । ଏପରି ଉଦାହରଣମାନ ମୁଁ ଅଧିକାଂଶ ସମୟରେ ବର୍ଣ୍ଣନା କରିଥାଏ ତେବେ ଆଜି ମଧ୍ୟ କିଛି ଉପସ୍ଥାପନ କରିବି । ସେହି ଉଦାହରଣ ଅଭାବି ଅହେମଦିମାନଙ୍କୁ ବଳିଦାନ କରିବା ପ୍ରତି (ଅଧିକ) ଉତ୍ସାହିତ କରିଥାଏ । ଆଉ ଏତଦ୍ ଦ୍ୱାରା ସେମାନେ ଏଥିପ୍ରତି ଦୃଷ୍ଟି ନିକ୍ଷେପ କରିବେ ଯେ, ତାଙ୍କର ସ୍ତର କେଉଁଠେ ।

ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦସ.ଅ କୁହନ୍ତି; ଅଗ୍ନିରୁ ବର୍ତ୍ତି ରୁହ ଯଦିଚ ଅଧା ଖଜୁରୁ ଦାନ କରିବାକୁ କାହିଁକି ବା ନପଡ଼େ । ଆପଣସ.ଅ ଆହୁରି କହିଲେ; ଲୋଭ କରିବାରୁ ନିବୃତ୍ତ ରୁହ । କାରଣ ଲୋଭ ହିଁ (ପୂର୍ବ) ଗୋଷ୍ଠୀ ସମୂହକୁ ଧ୍ୱଂସ କରିଦେଇଛି । ହଜୁର ସ.ଅଙ୍କ ସାହାବାମାନଙ୍କର ତ ଅବସ୍ଥା ଏପରି ଥିଲା କି ଯେତେବେଳେ କୌଣସି ଅର୍ଥଦାନ କରିବାକୁ ଆହ୍ୱାନ ଦିଆଯାଉଥିଲା ସେତେବେଳେ ସେମାନେ ମୂଲ ଲାଗିବାକୁ ବାହାରି ଯାଉଥିଲେ ଏବଂ ଯାହା ଉପାର୍ଜନ କରୁଥିଲେ ସେସମସ୍ତ ଅର୍ଥ (ଧର୍ମ ମାର୍ଗରେ) ଦାନ କରି ଦେଉଥିଲେ । ଏପରି ନିଷ୍ଠାପର ଅନୁଗାମୀ ପ୍ରଭୁ ହଜୁର ସ.ଅଙ୍କର ସଚୋଟ ଦାସ ହଜରତ ମସିହ ମଉଦ ଅ.ସଙ୍କୁ ମଧ୍ୟ ପ୍ରଦାନ କଲେ । ଅହେମଦିୟତ୍‌ର ଇତିହାସ ଏପରି ଉଦାହରଣରେ ପରିପୂର୍ଣ୍ଣ । ଅଲ୍ଲାଃତାଲା ସେହି ବଳିଦାନକାରୀଙ୍କ ନିଷ୍ଠାପରତାକୁ ବ୍ୟର୍ଥ ଯିବାକୁ ଦେଲେ ନାହିଁ । ସୁତରାଂ ସେହି ସାହାବା ଓ ସେହି ବଳିଦାନକାରୀଙ୍କ ସନ୍ତାନମାନଙ୍କୁ ମଧ୍ୟ ସ୍ମରଣ ରଖିବା ଉଚିତ୍ । **ଅଲ୍ଲାଃତାଲା ସେମାନଙ୍କୁ ଯାହା କିଛି ପ୍ରଦାନ କରିଛନ୍ତି ବାସ୍ତବରେ ତାହା ତାଙ୍କ ପୂର୍ବଜମାନଙ୍କ ବଳିଦାନର ପରିଣାମ ।** ଅଲ୍ଲାଃତାଲାଙ୍କ କୃପାରୁ ଆଜି ଜମାଅତର ଅଧିକାଂଶ ଲୋକ ବଳିଦାନ କରିବା କ୍ଷେତ୍ରରେ ଆଗେଇ ଆସୁଛନ୍ତି । ଆଫ୍ରିକାର ବିଛିନ୍ନ ଅଞ୍ଚଳରୁ ଆରମ୍ଭ କରି ପାକିସ୍ତାନ ଏବଂ ଭାରତ ବର୍ଷ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ଥଳେ ଆମକୁ ଏପରି ଉଦାହରଣ ଦେଖିବାକୁ ମିଳୁଅଛି ।

ମହାମହିମ ହଜୁର ଅନଓ୍ୱରଅ.ବ ରିପବ୍ଲିକ୍ ଅଫ୍ ସେଣ୍ଟ୍ରାଲ୍ ଆଫ୍ରିକା, କଜାକିସ୍ତାନ, କିର୍ଗିଜ୍‌ସ୍ତାନ, ଫିଲିପାଇନସ୍, କେମରୁନ୍, ତାଞ୍ଜାନିଆ, ଟୋଗୋ, ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ ଆଦି ଦେଶମାନଙ୍କରେ ରହିଥିବା ନିଷ୍ଠାପର ଅହେମଦିମାନେ ଓ୍ୱକ୍‌ଫେ ଜଦିଦ୍ ପାଣ୍ଠିରେ କରିଥିବା ଅର୍ଥଦାନର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା କରି କହିଲେ;

ଭାରତ ବର୍ଷର ଏକ ଜମାଅତ ସାମନ୍ତାବାଡ଼ି ରହିଛି । ସେଠାକାର ଜଣେ ଅହେମଦି ଶ୍ରୀମାନ ସିରାଜ୍ ସାହେବ କୁହନ୍ତି; ମୁଁ ଅର୍ଥଦାନ କରିବାର ବରକତ୍‌କୁ ସ୍ୱଚକ୍ଷୁରେ ଅବଲୋକନ କରିଛି । କରୋନା ମହାମାରୀ

ଯୋଗୁଁ ମୋର ଓ୍ୱକ୍‌ଫେ ଜଦିଦ୍‌ର ଚାନ୍ଦା ବାକି ରହିଯାଇଥିଲା । ଆଉ ଦୁଇ ତିନି ବର୍ଷ ହେଲା ମୋ ବଗିଚାର କାଠ ବର୍ଷା ଜଳରେ ନଷ୍ଟ ହେବାକୁ ଯାଉଥିଲା । ମୁଁ ଖରିଦ୍‌ଦାରଙ୍କ ଅନ୍ୱେଷଣରେ ଥିଲି କିନ୍ତୁ କେହି ତାହାକୁ ଖରିଦ୍ କରୁ ନଥିଲେ । ଯେତେବେଳେ ମୋ ନିକଟକୁ ଓ୍ୱକ୍‌ଫେ ଜଦିଦ୍‌ର ଇନସ୍ପେକ୍ଟର ସାହେବ ଆସି ଚାନ୍ଦା ମାଗିଲେ ସେତେବେଳେ ମୁଁ ସଙ୍ଗେସଙ୍ଗେ ୨୦୦୦ଟଙ୍କା ପୈଠ କରିଦେଲି । ସେ କୁହନ୍ତି; ଦୁଇଦିନ ମଧ୍ୟରେ ଯେଉଁ କ୍ରେତା ଦର ସ୍ଥିର କରିବା ସତ୍ତ୍ୱେ ସାମଗ୍ରୀ ନେଉ ନଥିଲା ହଠାତ୍ ଆସି ୨୦,୦୦୦ ଟଙ୍କା ଦେଇ ସମସ୍ତ ସାମଗ୍ରୀ ଉଠାଇ ନେଲା । ସେ ଅଧିକନ୍ତୁ କୁହନ୍ତି; ମୋର ବିଶ୍ୱାସ ଏହା ଚାନ୍ଦା ଦେବାର ହିଁ ବରକତ୍ ଯେ, ଅଲ୍ଲାଃତାଲା ମୋର ଓ୍ୱକ୍‌ଫେ ଜଦିଦ୍ ପାଣ୍ଠିରେ ଦେଇଥିବା ୨୦୦୦ ଟଙ୍କାକୁ ଦଶଗୁଣ ବଢ଼ାଇ (ମୋତେ) ଫେରସ୍ତ କରିଦେଲେ । **ନଚେତ୍ ଯେଉଁ ସାମଗ୍ରୀ ବର୍ଷ ବର୍ଷ ଧରି ପଡ଼ି ରହିଥିଲା ତାହା ଶେଷରେ ନଷ୍ଟ ହିଁ ହୋଇଥାନ୍ତା ।**

ପ୍ରିୟ ହଜୁର ଅନଓ୍ୱର[ଅ.ବ] ବିଶ୍ୱବ୍ୟାପୀ ଜମାଅତ ଅହେମଦିୟାର ସଦସ୍ୟବୃନ୍ଦଙ୍କ ବିଶ୍ୱାସବର୍ଦ୍ଧକ ଘଟଣାବଳୀର ଆଲୋଚନା କଲେ କି କିପରି ପ୍ରଭୁ ସଂସାରର କୋଣ ଅନୁକୋଣରୁ ନିଷ୍ଠାପର ସଦସ୍ୟବୃନ୍ଦ (ଶ୍ରଦ୍ଧାଳୁ) ହଜରତ ମସିହ ମଉଦ [ଅ.ସ]ଙ୍କ ଜମାଅତକୁ ପ୍ରଦାନ କରିଚାଲିଛନ୍ତି । ତାହାର ଏକ ସୁଦୀର୍ଘ ସୂଚୀ ରହିଛି, ଯାହାକୁ ଏଠାରେ ବର୍ଣ୍ଣନା କରିବା ମୋ ପକ୍ଷେ କଷ୍ଟସାଧ୍ୟ ଯେ, କାହାର ଚର୍ଚ୍ଚା କରିବି ଆଉ କାହାକୁ ଛାଡ଼ିବି । ତେଣୁ ଯେଉଁ ଘଟଣାବଳୀର ମୁଁ ଆଲୋଚନା କରିପାରିଲି ନାହିଁ ସେମାନଙ୍କ ନିଷ୍ଠାପରତା ଓ ବିଶ୍ୱସ୍ତତାରେ ତିଳେ ମାତ୍ର ସ୍ୱଳ୍ପତା ନାହିଁ । ସେମାନେ ପ୍ରଭୁଙ୍କ ପ୍ରସନ୍ନତା ଲାଭ କରିବା ଉଦ୍ଦେଶ୍ୟରେ ଏହି ବଳିଦାନ କରିଛନ୍ତି । ହଜରତ ମସିହ ମଉଦ[ଅ.ସ] କହିଛନ୍ତି; ମୁଁ ଏଥିପାଇଁ ସର୍ବଦା ପ୍ରସ୍ତୁତ ରହିଛି ଯେ, ଆପଣମାନେ ନିଜ ପବିତ୍ର ଧନ ଧର୍ମକର୍ମ ପାଇଁ ଉପସ୍ଥାପନ କରନ୍ତୁ ଏବଂ ପ୍ରତ୍ୟେକ ସେହି ବ୍ୟକ୍ତି ଯାହାକୁ ପ୍ରଭୁ ସାମର୍ଥ୍ୟ ପ୍ରଦାନ କରିଛନ୍ତି ଏହି ମାର୍ଗରେ ପଶ୍ଚାତପଦ ନଦେଉ ତଥା ଅଲ୍ଲାଃ ଓ ରସୁଲଙ୍କ ଠାରୁ ବଳି ନିଜ ଧନସମ୍ପତ୍ତିକୁ ପ୍ରାଧାନ୍ୟ ନଦେଉ । ଆଉ ଯେଉଁପର୍ଯ୍ୟନ୍ତ ମୋର ଦକ୍ଷତା ରହିଛି, ମୁଁ ନିଜ ଲେଖନୀ ମାଧ୍ୟମରେ ଏହି ଜ୍ଞାନ ରୂପକ ରତ୍ନଭଣ୍ଡାର ଓ ବିଭୂତିକୁ ଏସିଆ ତଥା ୟୁରୋପ ଦେଶମାନଙ୍କରେ ପରିବ୍ୟାପ୍ତ କରିବି ଯାହାକି ପରାକ୍ରମୀ ମହାପ୍ରଭୁ ମୋତେ ପ୍ରଦାନ କରିଛନ୍ତି ।

ସେଥିଅନ୍ତେ ପ୍ରିୟ ହଜୁର ଅନଓ୍ୱର[ଅ.ବ] ଓ୍ୱକ୍‌ଫେ ଜଦିଦ୍‌ର ଛଷଠି (୬୬)ତମ ବର୍ଷର ବିବରଣୀ ଓ ୬୭ତମ ବର୍ଷ ଆରମ୍ଭ ହେବାର ଘୋଷଣା କରି କହିଲେ; ଅଲ୍ଲାଃଙ୍କ କୃପାରୁ ବିଶ୍ୱବ୍ୟାପୀ ଜମାଅତ ଅହେମଦିୟା ଚଳିତ ବର୍ଷ ଓ୍ୱକ୍‌ଫେ ଜଦିଦ୍ ପାଣ୍ଠିରେ ଏକ କୋଟି ଅଣତିରିଶ ଲକ୍ଷ ଏକଚାଳିଶ ହଜାର ପାଉଣ୍ଡ ବଳିଦାନ କରିଛନ୍ତି । **ଏହି ଆଦାୟ ଗତବର୍ଷ ତୁଳନାରେ ସାତ ଲକ୍ଷ ଅଠର ହଜାର ପାଉଣ୍ଡ ଅଧିକ ଅଟେ ।**

ସମୁଦାୟ ଆଦାୟ ଦୃଷ୍ଟିରୁ ଇଂଲଣ୍ଡ ପ୍ରଥମ ସ୍ଥାନ ଅଧିକାର କରିଛି । ତତ୍‌ପଶ୍ଚାତ କାନେଡ଼ା ରହିଛି, କାନେଡ଼ା ମଧ୍ୟ ନିଜ ଚାନ୍ଦାରେ ଭଲ ଅଭିବୃଦ୍ଧି ଘଟାଇଛି । ସେମାନେ ନିଜ ଅଂଶ ଗ୍ରହଣକାରୀଙ୍କ ସଂଖ୍ୟାରେ ବେଶ୍ ଆଧିକ୍ୟତା ଆଣିଛନ୍ତି । ଚଳିତ ବର୍ଷ ଏହା ତାଙ୍କର ସବିଶେଷ ବିଶେଷତା । ତୃତୀୟ ସ୍ଥାନ ଜର୍ମାନୀ ଅଧିକାର କରିଛି ସେଥିଅନ୍ତେ ଆମେରିକା, ପାକିସ୍ତାନ, ଭାରତ, ଅଷ୍ଟ୍ରେଲିଆ, ମଧ୍ୟ ଏସିଆର ଏକ ଜମାଅତ, ଇଣ୍ଡୋନେସିଆ, ମଧ୍ୟ ଏସିଆର ଏକ ଜମାଅତ ଏବଂ ବେଲଜିୟମ୍ ଆଦି ଦେଶଗୁଡ଼ିକ ଯଥାକ୍ରମେ ସ୍ଥାନ ଅଧିକାର କରିଛନ୍ତି ।

ଆଫ୍ରିକାର ଦେଶଗୁଡ଼ିକରେ ପ୍ରଥମ ମରିସସ୍, ଘାନା, ବୁରକିନାଫାସୋ, ଯଦିଚ ବୁରକିନାଫାସୋର ଅବସ୍ଥା ସ୍ୱଚ୍ଛଳ ନୁହେଁ ତଥାପି ସେ ନିଜର ତୃତୀୟ ସ୍ଥାନ ବଜାୟ ରଖିଛି । ତା'ପରେ ତାଞ୍ଜାନିଆ, ନାଇଜେରିଆ, ଲାଇବେରିଆ, ଗେମ୍ବିଆ, ମାଲି, ୟୁଗାଣ୍ଡା ଓ ସେରେଲିଓନ୍ ଯଥାକ୍ରମେ ସ୍ଥାନ ଅଧିକାର କରିଛନ୍ତି ।

ଯୋଗଦାନକାରୀଙ୍କ ସଂଖ୍ୟା ପନ୍ଦର ଲକ୍ଷ ପଚାଶ ହଜାର ରହିଛି । ଅଲ୍ଲାଃଙ୍କ କୃପାରୁ ଚଳିତ ବର୍ଷ ନୂତନ ଯୋଗଦାନକାରୀଙ୍କ ସଂଖ୍ୟା ଚଉରାଳିଶ ହଜାର ରହିଛି । ଅଂଶଗ୍ରହଣକାରୀଙ୍କ ସଂଖ୍ୟା ଅଭିବୃଦ୍ଧିରେ କାନେଡ଼ା ସର୍ବାଗ୍ରେ ରହିଛି ସେଥିଅନ୍ତେ କ୍ୟାମ୍ରୁନ୍, ଗେମ୍ବିଆ, ନାଇଜେରିଆ, ଗିନିବସାଓ ଓ କଙ୍ଗୋ କିନ୍ସାସା ଯଥାକ୍ରମେ ସ୍ଥାନ ଅଧିକାର କରିଛନ୍ତି ।

ଭାରତର ପ୍ରଥମ ଦଶଗୋଟି ରାଜ୍ୟ ମଧ୍ୟରେ କେରଳ ପ୍ରଥମ ତା'ପରେ ତାମିଲ୍‌ନାଡୁ, ଜମ୍ମୁକାଶ୍ମିର, ତେଲେଙ୍ଗାନା, କର୍ଣ୍ଣାଟକ, **ଓଡ଼ିଶା**, ପଞ୍ଜାବ, ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ର ଆଦି ଯଥାକ୍ରମେ ସ୍ଥାନ ଅଧିକାର କରିଛନ୍ତି । ଭାରତର ପ୍ରଥମ ଦଶଗୋଟି ଜମାଅତ ମଧ୍ୟରେ ହାଇଦ୍ରାବାଦ୍, କୋଏମ୍ବଟୁର, କାଦିୟାନ୍, କାଲିକଟ୍, ମଞ୍ଜେରୀ, ବ୍ୟାଙ୍ଗଲୋର, ମେଲାପାଲମ୍, କଲିକତା, କରୁଲାଇ ଓ **କେରଙ୍ଗ** ଆଦି ଯଥାକ୍ରମେ ସ୍ଥାନ ଅଧିକାର କରିଛନ୍ତି । ଅଲ୍ଲାଃତାଲା ଏସମସ୍ତ ବଳିଦାନକାରୀଙ୍କ ଧନସମ୍ପତ୍ତିରେ ଅଜସ୍ର ବରକତ୍ ପ୍ରଦାନ କରନ୍ତୁ ।

ଖୁତ୍‌ବାର ପରିଶେଷରେ ମହାମହିମ ହଜୁର ଅନଓ୍ୱର[ଅ.ବ] ଫିଲିସ୍ତିନ୍ ବାସୀଙ୍କ ପାଇଁ ଦୁଆ ଅବ୍ୟାହତ ରଖିବାକୁ ଆହ୍ୱାନ ଜଣାଇଲେ । ଅଧିକନ୍ତୁ ହଜୁର ଅନଓ୍ୱର[ଅ.ବ] କହିଲେ; ପୂର୍ବରୁ ମଧ୍ୟ ମୁଁ କହିଥିଲି କି ନିଜ ନିଜ ପରିସର ମଧ୍ୟରେ ଲୋକମାନଙ୍କୁ ସ୍ୱର ଉତ୍ତୋଳନ କରିବାକୁ ଅନୁପ୍ରାଣିତ କରାନ୍ତୁ ଏବଂ କେତେକ ସଦସ୍ୟବୃନ୍ଦ ଏଥିପ୍ରତି ରାଜନେତାମାନଙ୍କର ଧ୍ୟାନ ଆକର୍ଷିତ ମଧ୍ୟ କରିଛନ୍ତି । ଇସ୍ରାଇଲ୍‌ର ପ୍ରଶାସନ ତ ନିଜ ଅନ୍ୟାୟ ଓ ଅତ୍ୟାଚାରରୁ ବିରତ ରହିଲା ପ୍ରତି ପ୍ରତୀତ ହେଉ ନାହିଁ । ବରଂ ଏବେ ତ ସେ ନିଜ ସେନାକୁ ଆଦେଶ ଦେଇଛି ଯେ, ୨୦୨୪ମସିହା ମଧ୍ୟ ଯୁଦ୍ଧର ବର୍ଷ ରହିବ । ଅଲ୍ଲାଃତାଲା ଫିଲିସ୍ତିନ୍ ବାସୀଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ । ବର୍ତ୍ତମାନ ଏହା ମଧ୍ୟ କୁହାଯାଉଛି ଯେ, ଆଖପାଖ ଅଞ୍ଚଳରେ ମଧ୍ୟ ଏହି ଯୁଦ୍ଧ ପରିବ୍ୟାପ୍ତ ହେବାର ଆଶଙ୍କା ରହିଛି ଏବଂ ଏପରି ତାହା ବିଶ୍ୱ ଯୁଦ୍ଧର ରୂପ ନେବ । ବେରୁତ୍ (ସହର)ର ଆଖପାଖରେ ମଧ୍ୟ ସେମାନେ ବୋମା ବର୍ଷଣ କରିବା ଆରମ୍ଭ କରିଦେଲାଣି । ଆଉ ଏପରି ଏହା ବଢ଼ି ଚାଲିଛନ୍ତି । ଯଦିଚ ପ୍ରକାଶ୍ୟରେ ଆମେରିକା ପ୍ରଶାସନ ଇସ୍ରାଇଲ୍‌କୁ କହୁଅଛି କି ନିଜ ଯୁଦ୍ଧକୁ ସୀମିତ କର କିନ୍ତୁ ତାହା ମାତ୍ର ଶବ୍ଦ ମଧ୍ୟରେ ଦବି ରହିଥିବା ପ୍ରତୀୟମାନ ହେଉଛି । ତାଙ୍କର ପ୍ରକୃତ ଉଦ୍ଦେଶ୍ୟ ତ ଗାଜାରୁ ଫିଲିସ୍ତିନବାସୀଙ୍କୁ ବହିଷ୍କାର କରି ନିଜେ ଅଧିକାର କରିବା ଅଟେ । ଅଲ୍ଲାଃତାଲା ଫିଲିସ୍ତିନ୍‌ବାସୀଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ । ସେମାନଙ୍କୁ ମଧ୍ୟ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ଓ ସେମାନେ ଏଥିପ୍ରତି ଚିନ୍ତା କରନ୍ତୁ କି ଯୁଗାବତାରଙ୍କ ସ୍ୱର ଶୁଣି ତାଙ୍କ ପ୍ରତି ମନଯୋଗ କରନ୍ତୁ ଏବଂ ତାଙ୍କ ଆନୁଗତ୍ୟ ସ୍ୱୀକାର କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a In Odia
5th January 2024